# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 October – 2024**

**News Editor :*Itishree Singh Rathaur***

---

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଓଡିଶାଗସ୍ତରେ ଆସୁଛନ୍ତି । ଏହି ସମୟରେ ସେ ମୟୂରଭଞ୍ଜ,ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି । ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ୨୩ତାରିଖ ଦିନ ସକାଳ ୯ଟା ୫୫ମିନିଟ୍‌ରେ ରାଷ୍ଟ୍ରପତି ବିମାନ ଯୋଗେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀରେ ପହଞ୍ଚିବେ । ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ରେଳଲାଇନର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଆଭାସୀ ମାଧ୍ୟମରେ ରାଇରଙ୍ଗପୁରଠାରେ ଆଦିବାସୀ ଗବେଷଣା କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଏବଂ ଉପଖଣ୍ଡ ଚିକିତ୍ସାଳୟ ପ୍ରକଳ୍ପର ଶିଳାନ୍ୟାସ କରିବେ । ୨୪ତାରିଖ ସକାଳୁ ରାଷ୍ଟ୍ରପତି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସେହିଦିନ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନରେ ଭୁବନେଶ୍ୱରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଏବଂ ନବନିର୍ମିତ ବିଚାର ବିଭାଗୀୟ କୋର୍ଟ କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ।

୨୫ତାରିଖ ସକାଳ ୯ଟା ୩୦ମିନିଟ୍‌ରେ ନିଳାଦ୍ରୀ ବିହାର ସ୍ଥିତ ରଘୁନାଥ ମୁର୍ମୁଙ୍କ ନୂତନ ପ୍ରତିମୂର୍ତ୍ତିରେ ଅନାବରଣ କରିବେ । ସେହିଦିନ ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରୁ ରାୟପୁର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜିଠାରୁ ହରିୟାଣା ଓ ମୁମ୍ବାଇ ଗସ୍ତରେ ଯାଉଛନ୍ତି । ଆସନ୍ତାକାଲି ଚଣ୍ଡିଗଡରେ ନବଗଠିତ ହରିୟାଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ସେ ଯୋଗଦେବେ । ପରେ ଅପରାହ୍ନରେ ଚଣ୍ଡିଗଡରେ ଏନ.ଡି.ଏ. ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଣ୍ଡିଗଡ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ମୁମ୍ବାଇରେ ଆସନ୍ତା ଶୁକ୍ରବାର ଦିନ ଇଣ୍ଡିଆନ କେମିକାଲ୍ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗଦେବେ । ଶୁକ୍ରବାର ଅପରାହ୍ନ ଓ ଶନିବାର ସକାଳେ ସେ ମୁମ୍ବାଇରେ ଆଗାମୀ 'ମେକ୍ ଇନ୍ ଓଡିଶା' ପାଇଁ ନିବେଶକ ସମ୍ମିଳନୀରେ ଯୋଗଦେବେ । ସେହିଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ଗ୍ରୀଡ୍ ସବ୍‌ଷ୍ଟେସନ

ରାଜ୍ୟରେ ନିର୍ମାଣଧୀନ ୨୦ରୁ ଅଧିକ ଗ୍ରୀଡ ସବ୍‌ଷ୍ଟେସନ ମଧ୍ୟରୁ ୧୧ଟି ଗ୍ରୀଡ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି ।

ଗତକାଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଜଣାପଡିଛି । ସୂଚନା ଅନୁଯାୟୀ ଦଶପଲ୍ଲାରେ ଗ୍ରୀଡ ସମ୍ପୂର୍ଣ୍ଣ ହେବା ପରିସ୍ଥିତିରେ ପହଞ୍ଚିଥିବାବେଳେ ହାଟବସ୍ତା ଗ୍ରୀଡ ସବ୍‌ଷ୍ଟେସନ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ । ଅନ୍ୟପକ୍ଷରେ ଟିଟିଲାଗଡ ଓ ଖଣ୍ଡପଡାରେ ଗ୍ରୀଡ ସବ୍‌ଷ୍ଟେସନ ସ୍ଥାପନ ନେଇ ଟିଟିଲାଗଡ ଓ ଖଣ୍ଡପଡା ବିଧାୟକ ବୈଠକରେ ପ୍ରସ୍ତାବ ଦେଇଛନ୍ତି ।

## ପୁରୀ ବିମାନ ବନ୍ଦର

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅର୍ନ୍ତଜାତୀୟ ବିମାନ ବନ୍ଦର ପାଇଁ ଆବଶ୍ୟକ ହେଉଥିବା ପୁନର୍ବାସ ଓ ଥଇଥାନ ନିମନ୍ତେ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି । ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ପୁରୀ ସାଂସଦ, ବ୍ରହ୍ମଗିରି ବିଧାୟକଙ୍କ ସମେତ ଦଶଜଣ ସଦସ୍ୟ ଅଛନ୍ତି । ପ୍ରତି ତିନିମାସରେ ଏହି କମିଟିର ବୈଠକ ବସି ପ୍ରଭାବିତ ଅଞ୍ଚଳର ପୁନର୍ବାସ ଓ ଥଇଥାନ ସମ୍ପର୍କରେ ସମୀକ୍ଷା କରାଯିବ । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଶ୍ରୀମନ୍ଦିର-ଓମଫେଡ ଘିଅ

ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ଓ ଦୀପରେ ବ୍ୟବହାର ନିମନ୍ତେ କେବଳ ଓମ୍‌ଫେଡ ଘିଅ ବ୍ୟବହାର କରିବାକୁ ଶ୍ରୀମନ୍ଦିର ପ୍ରଶାସନ

ଯୋଜନା କରୁଛି । ଓମ୍‌ଫେଡକୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବା ଜଣାପଡିଛି । ଶ୍ରୀଜଗନ୍ନାଥ ମନ୍ଦିରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବାକୁ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇଥିବା ଜଣାପଡିଛି ।

## ଗଜଲକ୍ଷ୍ମୀ ପୂଜା

ରାଜ୍ୟର ପୁରପଲ୍ଲୀରେ ଆଜି ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳନ କରାଯାଉଛି । ଆସନ୍ତାକାଲି କୁମାରପୂର୍ଣ୍ଣିମା ଓ ତା’ପରଦିନ ଠାରୁ କାର୍ତ୍ତିକବ୍ରତ ଆରମ୍ଭ ହେବ। ଆଜିଠାରୁ ମହାଲକ୍ଷ୍ମୀଙ୍କ ପଞ୍ଚଦିନାତ୍ମକ ପୂଜା ଆରମ୍ଭ ହେବ । କଟକ ମହାନଗରୀର ବିଭିନ୍ନ ପୂଜାମଣ୍ଡପ, ଢେଙ୍କାନାଳ, ବାଙ୍କୀ, କେନ୍ଦ୍ରାପଡା ଓ ଅନୁଗୋଳ ସମେତ ବିଭିନ୍ନ ସ୍ଥାନରେ ମା’ ଗଜଲକ୍ଷ୍ମୀ ପୂଜା ପାଇବେ ।

## ବନକଲାଗି ନୀତି

ଆଶ୍ୱିନମାସ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆଜି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରାଇ ଦାମୋଦର ବେଶ

କାର୍ତ୍ତିକ ମାସର ରାଇ ଦାମୋଦର ବ୍ରତ ଆସନ୍ତା ଶୁକ୍ରବାରରୁ ଆରମ୍ଭ ହେବ। ଶ୍ରୀକ୍ଷେତ୍ରରେ ହବିଷ୍ୟାଳି ମା'ମାନେ ଏକମାସ ଧରି ୪ଟି ହବିଷ୍ୟାଳି ନିବାସରେ ରହି ବ୍ରତ ପାଳନ କରିବେ। ହବିଷ୍ୟାଳୀମାନଙ୍କର ଶ୍ରୀମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ସହ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ।

## ବାଲିଯାତ୍ରା: ପ୍ଲଟ ପଞ୍ଜୀକରଣ

**କଟକ**ର ଐତିହାସିକ ବାଲିଯାତ୍ରା ନିମନ୍ତେ ପ୍ଲଟ୍ ଆବଣ୍ଟନ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ୧୦ଟି ଟିମ୍ ପଞ୍ଜୀକରଣ ପାଇଁ ନିୟୋଜିତ ହୋଇଛନ୍ତି। ଗତବର୍ଷ ୯୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜୀକରଣ କରିଥିଲାବେଳେ ଚଳିତବର୍ଷ ୧ହଜାର ୧୦୦ଟି ପ୍ଲଟକୁ ନିଲାମ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଛି । ଚଳିତଥର ବାଲିଯାତ୍ରାରେ ପାଟ୍ରୋନ ମୁଖ୍ୟ ପ୍ରାୟୋଜକ ହେବା ପାଇଁ ୪ଜଣ ସମ୍ମତି ପ୍ରଦାନ କରିଛନ୍ତି । ପ୍ରଥମ ଥର ପାଇଁ ଭାରତୀୟ ନୌସେନା ବାଲିଯାତ୍ରାର ପାଟ୍ରୋନ। ହେବାକୁ ଯାଉଥିବା ଜଣାପଡିଛି । ସୂଚନାଯୋଗ୍ୟ, କଟକର ଐତିହାସିକ ବାଲିଯାତ୍ରା ଆସନ୍ତାମାସ ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।